بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୬ ଜୁଲାଇ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ଏବଂ ଦ୍ୱିତୀୟ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ବିଗତ ଖୁତ୍‌ବାରୁ ହ. ଉମର୍ ର.ଅଙ୍କ ଜୀବନୀ ଚର୍ଚ୍ଚା ଅବ୍ୟାହତ ରହିଛି । ସେହି କ୍ରମରେ ହ. ଉମର୍ ର.ଅଙ୍କ ଖିଲାଫତ୍‌ର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ଆପଣ ର.ଅଙ୍କ ଖିଲାଫତ୍ କାଳ ୨୩ ହିଜରୀ ପର୍ଯ୍ୟନ୍ତ ପ୍ରାୟ ସାଢେ ୧୦ ବର୍ଷ କାଳ ବର୍ଦ୍ଧିତ ରହିଥିଲା । ସେହି ଅବଧିରେ ଆପଣଙ୍କ ବିଜୟର ଗାଥା ସଂପର୍କରେ ହ. ଶିବ୍‌ଲୀ ନୁମାନୀ ଉଲ୍ଲେଖ କରିଛନ୍ତି ଯେ, ହ. ଉମର୍ ର.ଅଙ୍କ ଅଧିକୃତ ଅଞ୍ଚଳର ମୋଟ ଆୟତନ ୨୨ ଲକ୍ଷ ୫୧ ହଜାର ୩୦ ବର୍ଗ ମାଇଲ୍ ଅଟେ । ସେହି ଅଧିକୃତ ଅଞ୍ଚଳ ମଧ୍ୟରେ ସିରୀୟା, ମିଶର, ଇରାକ୍, ଇରାନ୍, ଖୋଜିସ୍ତାନ୍, ଆର୍ମେନିୟା, ଆଜର୍ ବାଇଜାନ୍, ପାରସ୍ୟ, କିର୍ମାନ୍ ଏନଂ ମକ୍ରାନ୍ ଆଦି ଅଞ୍ଚଳ ଅନ୍ତର୍ଭୁକ୍ତ ଅଟେ ।

ହ. ଉମର୍ ର.ଅ ନିଜର ସମସ୍ତ ବ୍ୟସ୍ତତା ସତ୍ତ୍ୱେ ପ୍ରତ୍ୟେକ ବିଜୟ ସମୟରେ ମୁସଲମାନମାନଙ୍କ ମଧ୍ୟରେ ଉପସ୍ଥିତ ରହିଥିଲେ । ଯଦିଓ ସେ ନିୟମିତ ଯୁଦ୍ଧରେ ଅଂଶଗ୍ରହଣ କରୁ ନଥିଲେ କିନ୍ତୁ ତଥାପି ସେ ମଦିନାରେ ହିଁ ରହି ମୁସଲମାନ ସେନାପତିମାନଙ୍କୁ ନିର୍ଦ୍ଦେଶ ପ୍ରେରଣ କରୁଥିଲେ ଏବଂ ଦୈନିକ ସେମାନଙ୍କ ସହିତ ପତ୍ରାଳାପ ଜାରି ରଖୁଥିଲେ ଏବଂ ହ. ଉମର୍ ର.ଅ ମଦିନାରେ ବସି ମୁସଲମାନମାନଙ୍କୁ ନିଜର ସୈନ୍ୟବାହିନୀକୁ ଶୃଙ୍ଖଳିତ କରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ ଏବଂ ସେମାନଙ୍କୁ ସେହି ଅଞ୍ଚଳ ସଂପର୍କରେ ଏଭଳି ଧାରଣା ତଥା ନିର୍ଦ୍ଦେଶ ଦେଉଥିଲେ ଯେପରି ହ. ଉମର୍ ର.ଅଙ୍କ ସମ୍ମୁଖରେ ସେହି ଅଞ୍ଚଳଗୁଡ଼ିକର ନକ୍ସା (ମାନଚିତ୍ର) ଉପସ୍ଥିତ ଥିଲା (ଅର୍ଥାତ ପ୍ରତୀୟମାନ ରହିଥିଲା) ଇମାମ୍ ବୁଖାରୀ ସହି ବୁଖାରୀରେ ହ. ଉମର୍ ର.ଅଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି ଯେ, ହ. ଉମର ର.ଅ କହିଲେ ଯେ, ମୁଁ ନିଜର ସୈନ୍ୟ ବାହିନୀ ପ୍ରସ୍ତୁତ କରିଥାଏ ଏବଂ ମୁଁ ନମାଜ (ଅବସ୍ଥାରେ ଥାଏ) ଅର୍ଥାତ ମୁଁ ନମାଜ ସମୟରେ ମଧ୍ୟ ଇସ୍‌ଲାମୀୟ ସେନା ପାଇଁ ଯୋଜନା କରିବାରେ ଅସ୍ଥିର ରହିଥାଏ । ଏହା ହିଁ ସେହି କାରଣ ଯାହାକି ଆମକୁ ପ୍ରତ୍ୟେକ ସ୍ଥଳେ ଦେଖିବାକୁ ମିଳିଥାଏ । କାରଣ ହ. ଉମର୍ ର.ଅଙ୍କ ନିର୍ଦ୍ଦେଶାବଳୀକୁ ପାଳନ କରି ମୁସଲମାନମାନେ କଠିନରୁ କଠିନ ପରିସ୍ଥିତିରେ ମଧ୍ୟ ଅଲ୍ଲାଃତାଲାଙ୍କ କୃପା ଏବଂ କରୁଣା ଦ୍ୱାରା ବିଜୟ ଲାଭ କରିଥିଲେ ।

ସୟେଦ୍ ମୀର୍ ମେହମୁଦ୍ ସାହେବ ଫୁତୁହାତେ ଇରାନ୍ ଏବଂ ଇରାକ୍ ସଂପର୍କରେ ଉଲ୍ଲେଖ କରନ୍ତି ଯେ, ହ. ଅବୁ ବକ୍କର୍ ର.ଅଙ୍କ ଖିଲାଫତ୍ କାଳରେ ଇରାକୀୟ ସୈନ୍ୟର ନେତୃତ୍ୱ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ହସ୍ତରେ ଥିଲା, କିନ୍ତୁ ନିଜ ଖିଲାଫତ୍‌ର ଶେଷ ପର୍ଯ୍ୟାୟରେ ସେ ସିରୀୟ ଯୁଦ୍ଧର ମହତ୍ତ୍ୱକୁ ମର୍ମେ ମର୍ମେ ଉପଲବ୍ଧି କରି ତାଙ୍କୁ ସିରୀୟା ଯିବା ପାଇଁ ଆଦେଶ ଦେଲେ ଏବଂ ଇରାକ୍‌ରେ ଥିବା ମୁସଲମାନ ସେନାର ନେତୃତ୍ୱ ହ. ମୁସ୍‌ନା ବିନ୍ ହାର୍‌ସା ର.ଅଙ୍କୁ ହସ୍ତାନ୍ତର କରିଥିଲେ । ହ. ଅବୁ ବକ୍କର ର.ଅ ଯେତେବେଳେ ଅସୁସ୍ଥ ହେଲେ ଏବଂ ଇସ୍‌ଲାମୀୟ ସେନାକୁ ବାର୍ତ୍ତା ପ୍ରେରଣ କରିବାରେ ବିଳମ୍ବ ହେଲା ସେତେବେଳେ ହ. ମୁସ୍‌ନା ନିଜର ଉପସେନାପତି ନିଯୁକ୍ତ କଲେ ଏବଂ ହ. ଅବୁ ବକ୍କର ର.ଅଙ୍କ ନିକଟରେ ଉପସ୍ଥିତ ହେଲେ, ତାଙ୍କ ଠାରୁ ସମସ୍ତ ଘଟଣା ଶୁଣିବା ପରେ ହ. ଅବୁ ବକ୍କର୍

ର.ଅ ହ. ଉମର୍ ର.ଅଙ୍କୁ ଡ଼କାଇଲେ ଏବଂ ଓସିୟତ୍ କଲେ ଯେ, ତାଙ୍କ ବିୟୋଗ ଅନ୍ତେ ମୁସଲମାନମାନଙ୍କୁ ଜିହାଦ୍ ନିମନ୍ତେ ପ୍ରୋତ୍ସାହିତ କରି ହ. ମୁସନାଙ୍କ ସହିତ ସୈନ୍ୟକୁ ପ୍ରେରଣ କରି ଦେବେ । ହ. ଅବୁ ବକ୍କର ରଅଙ୍କ ବିୟୋଗ ପରେ ହ. ଉମର୍ ର.ଅ ମୁସଲମାନମାନଙ୍କୁ କ୍ରମାଗତ ଭାବରେ ତିନି ଦିନ ପର୍ଯ୍ୟନ୍ତ ଉପଦେଶ ଦେଇଥିଲେ । କିନ୍ତୁ ଲୋକମାନେ ଇରାନ୍‌ର ଆଧାପତ୍ୟ ଓ ଆତଙ୍କ ଯୋଗୁଁ ଭୟଭୀତ ଥିଲେ । ଲୋକମାନଙ୍କର ଏହି ଧାରଣା ରହିଥିଲା ଯେ, ଇରାକ୍ ଭୂମିକୁ ଜୟ କରିବା ହ. ଖାଲିଦ୍ ର.ଅଙ୍କ ବ୍ୟତୀତ ସମ୍ଭବପର ନୁହେଁ । କିନ୍ତୁ ଚତୁର୍ଥ ଦିନ ହ. ଉମର୍ ର.ଅଙ୍କ ଭବ୍ୟ ଅଭିଭାଷଣ ଲୋକମାନଙ୍କୁ ଏପରି ଅନୁପ୍ରାଣିତ କଲା ଯେ, ସେମାନଙ୍କ ହୃଦୟ ଆନ୍ଦୋଳିତ ହୋଇ ଉଠିଲା । ସୁତରାଂ ସେହି ଅଭିଭାଷଣର ପରିଣାମ ସ୍ୱରୂପ ୫୦୦୦ ମୁସଲମାନ ଜିହାଦ୍ ପାଇଁ ପ୍ରସ୍ତୁତ ହୋଇଗଲା ।

୧୩ ହିଜରୀରେ ଏକ ଯୁଦ୍ଧ ହୋଇଥିଲା ଯାହାକୁ ନମାରିକ୍ ଯୁଦ୍ଧ ଏବଂ କସ୍‌କର୍ ଯୁଦ୍ଧ କୁହାଯାଏ । ଏହାର ବିସ୍ତୃତ ବିବରଣୀ ଏହପରି ଅଟେ ଯେ, ଇରାନୀୟ ଦରବାର ନିଜର ଅମିର ଓ ମୁଖିଆମାନଙ୍କ ପାରସ୍ପାରିକ ମତଭେଦର ପୀଠସ୍ଥଳୀ ପାଲଟିଥିଲା । ଏହିଭଳି ପରିସ୍ଥିତିରେ ରୁସ୍ତମ୍ ରୂପରେ ଏକ ନୂତନ ବ୍ୟକ୍ତିତ୍ୱର ଅଭ୍ୟୁଦୟ ଘଟିଲା । ଏହି ବ୍ୟକ୍ତି ଖୁବ ଶୀଘ୍ର ଇରାନୀୟ ଦରବାର ପକ୍ଷରୁ କଳା (ନିଗ୍ରୋ) ଧଳାମାନଙ୍କର ମାଲିକ ହୋଇଗଲା । ରୁସ୍ତମ୍ ଜଣେ ସାହସୀ ଏବଂ ସୁନ୍ଦର ଯୋଜନାକାରୀ ବ୍ୟକ୍ତି ଥିଲା । ସେ ମୁସଲମାନମାନଙ୍କର ଅଧିକୃତ ଅଞ୍ଚଳରେ ନିଜର କର୍ମଚାରୀଙ୍କ ମାଧ୍ୟମରେ ବିଦ୍ରୋହ ସୃଷ୍ଟି କରି ଦେଇଥିଲା ଏବଂ ହ. ମୁସ୍‌ନାଙ୍କ ବିପକ୍ଷରେ ଏକ ସୈନ୍ୟବାହିନୀ ପ୍ରେରଣ କରିଥିଲା । ଏହି ପରିସ୍ଥିତରେ ହ. ମୁସ୍‌ନା ପଛକୁ ଘୁଞ୍ଚିଯିବା ଉଚିତ ବୋଲି ମନେ କରିଥିଲେ । ଅନ୍ୟ ପଟରେ ରୁସ୍ତମ୍ ନିଜର ଅଗ୍ରସରତା ଜାରି ରଖିଲା ଏବଂ ଏକ ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ କରି ଦୁଇଟି ଭିନ୍ନ ଭିନ୍ନ ମାର୍ଗ ଦେଇ ମୁସଲମାନମନଙ୍କ ବିପକ୍ଷରେ ପ୍ରେରଣ କରିଥିଲା । ଏକ ସୈନ୍ୟଦଳ ଜାବାନ ନେତୃତ୍ୱରେ କୁଫା ନିକଟବର୍ତ୍ତୀ ନମାରିକ୍ ସ୍ଥାନରେ ଅବତୀର୍ଣ୍ଣ ହେଲା ଏବଂ ଅନ୍ୟ ପଟରେ ଦ୍ୱିତୀୟ ସୈନ୍ୟବାହିନୀ ନର୍ସିର ନେତୃତ୍ୱରେ କସ୍‌କର୍ ଠାରେ ଯାଇ ପହଞ୍ଚିଥିଲା । କସ୍‌କର୍ ସହର ବାଗ୍‌ଦାଦ୍ ଏବଂ ବସ୍ରାର ମଧ୍ୟବର୍ତ୍ତୀ ସ୍ଥାନ ଏବଂ ଦଜ୍‌ଲା ସ୍ଥିତ ମଧ୍ୟବର୍ତ୍ତୀ ନଦୀ ତୀରର ପଶ୍ଚିମ ତଟରେ ଅବସ୍ଥିତ ଥିଲା । ନମାରିକ୍‌ରେ ହ. ଅବୁ ଉବୈଦାହ୍ ଏବଂ ଜାବାନ୍‌ର ସେନା ବାହିନୀ ମୁହାଁମୁହିଁ ହେଲା ଏବଂ ଘମଘୋଟ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଇରାନୀୟ ସେନା ପରାଜିତ ହୋଇଥିଲା । ଏପର୍ଯ୍ୟନ୍ତକି ଇସ୍‌ଲାମୀୟ ସେନାର ଉତ୍କୃଷ୍ଟ ନମୁନା ଦେଖିବାକୁ ମିଳିଥିଲା । ଜାବାନ୍ ଯାହାକୁ ଇରାନୀୟ ସୈନ୍ୟ ବାହିନୀରେ ରାଜା ପରି ମର୍ଯ୍ୟାଦା ପ୍ରାପ୍ତ ଥିଲା । ସେ ଗିରଫ ହେବା ପରେ ଏହି ଅବସରରୁ ଫାଇଦା ଉଠାଇଲା ଯେ, ତା'କୁ ଗିରଫ କରିଥିବା ସିପାହୀମାନେ ତା'କୁ ଚିହ୍ନି ନଥିଲେ । ତେଣୁ ସେ ନୀରବତାର ସହିତ ଫିଦିୟା (ଯେଉଁ ଧନକୁ କୈଦୀକୁ ମୁକୁଳାଇବା ପାଇଁ ଦିଆଯାଏ) ପୈଠ କଲା ଏବଂ କାରାମୁକ୍ତ ହୋଇଗଲା । ସୁତରାଂ ଯେତେବେଳେ ଅନ୍ୟ ମୁସଲମାନମାନଙ୍କୁ ଉକ୍ତ କଥା ସଂପର୍କରେ ଜ୍ଞାତ ହେଲା ସେତେବେଳେ ସେମାନେ ଜାବାନକୁ ପୁନର୍ବାର ଗିରଫ କିରିନେଲେ । କିନ୍ତୁ ହ. ଅବୁ ଉବୈଦାହ୍ ଏହି କାର୍ଯ୍ୟକୁ ବରଦାସ୍ତ (ସହ୍ୟ) କଲେ ନାହିଁ । ଅର୍ଥାତ ଜଣେ ବ୍ୟକ୍ତି ଯାହାକୁ ମୁସଲମାନ ସିପାହୀମାନେ ଥରେ ଫିଦିୟା ନେଇ କାରାମୁକ୍ତ କରି ଦେଇଛନ୍ତି, ସେହି ବ୍ୟକ୍ତିକୁ ପୁନର୍ବାର ବନ୍ଦୀ କରାଯାଉ ? ସୁତରାଂ ମୁସଲମାନମାନେ ଏହି ସୁବର୍ଣ୍ଣ ସୁଯୋଗକୁ ଅର୍ଥାତ ପୁନଃ ଫିଦିୟା ପ୍ରାପ୍ତିର ଉଦ୍ଦେଶ୍ୟକୁ ହାତ ଛଡ଼ା କଲେ କିନ୍ତୁ ଯୁଦ୍ଧ ବିରୋଧୀ କାର୍ଯ୍ୟ କଲେ ନାହିଁ । ସୁକାତିୟା ଯୁଦ୍ଧ ୧୩ ହିଜରୀରେ ହୋଇଥିଲା । ନମାରିକ୍ ଯୁଦ୍ଧରୁ ପରାଜୟ ବରଣ କରି ଇରାନୀୟ ସୈନ୍ୟ କସ୍‌କର୍ ଆଡ଼କୁ ପଳାୟନ କଲେ, ଯେଉଁଠି ଇରାନୀୟ ସୈନ୍ୟର ସେନାପତି ନର୍ସି ପୂର୍ବରୁ ହିଁ ଏକ ସୈନ୍ୟବାହିନୀ ଧରି ମୁସଲମାନମାନଙ୍କ ବିପକ୍ଷରେ ପ୍ରସ୍ତୁତ ଥିଲା । ଏଠାରେ ଅର୍ଥାତ ସକାତିୟା ଯୁଦ୍ଧଭୂମିରେ ଘମାଘୋଟ ଯୁଦ୍ଧ ପରେ ଅଲ୍ଲାଃତାଲାଙ୍କ କୃପାରୁ ମୁସଲମାନମାନେ ଜୟଯୁକ୍ତ ହୋଇଥିଲେ।

ବାରୋସମୀ ଯୁଦ୍ଧ ମଧ୍ୟ ୧୩ ହିଜରୀରେ ଘଟିଥିଲା । ଏହି ସ୍ଥାନ କସ୍‌କର ଏବଂ ସକାତିୟାର ମଧ୍ୟବର୍ତ୍ତୀ ସ୍ଥାନ ଥିଲା ଯେଉଁଠି ଇରାନୀୟ ସେନାପତି ଜାଲିନୋସ୍ ସହିତ ଯୁଦ୍ଧ ହୋଇଥିଲା । ବସ୍ରା ଏବଂ କୁଫାର ମଧ୍ୟବର୍ତ୍ତୀ ବସ୍ତିକୁ ଅର୍ଜେ ସୱାଦ୍ (ଭୂମି) କୁହାଯାଉଥିଲା ଏବଂ ବାରୋସମୀ ଏବଂ କୁସୟାସାନ୍ ଦୁଇଟି ବସ୍ତି ଅଟେ । ହ. ଅବୁ ଉବୈଦାହ୍

ବାକୁସିୟାସାରେ ପହଞ୍ଚି ଇରାନୀୟ ସେନା ସହ ସଂକ୍ଷିପ୍ତ ଯୁଦ୍ଧରେ ଉକ୍ତ ଅଞ୍ଚଳ ଅଧିକୃତ । ୧୩ ହିଜରୀରେ ଫୁରାତ୍ ନଦୀ ତୀରରେ ମୁସଲମାନ ଓ ଇରାନୀୟ ସୈନ୍ୟ ମଧ୍ୟ ଯସର୍ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ମୁସଲମାନମାନଙ୍କର ସେନାପତି ହ. ଅବୁ ଉବୈଦାହ୍ ସକ୍ଫି ଥିଲେ ଏବଂ ଇରାନୀୟ ସୈନ୍ୟ ପକ୍ଷରୁ ବହ୍‌ମନ୍ ଯାଜ୍‌ୱିୟା ସେନାପତି ଥିଲା । ମୁସଲମାନ ସୈନ୍ୟବାହିନୀ ସଂଖ୍ୟ ୧୦,୦୦୦ ଥିବା ବେଳେ ଇରାନୀୟ ସୈନ୍ୟ ସଂଖ୍ୟା ୩୦,୦୦୦ ଥିଲା । ଅପର ପକ୍ଷରେ ଇରାନୀୟ ସୈନ୍ୟରେ ୩୦୦ ସଂଖ୍ୟକ ହାତୀ ମଧ୍ୟ ରହିଥିଲା । ଫୁରାତ୍ ନଦୀ ମଝିରେ ଥିବାରୁ ଉଭୟ ସୈନ୍ୟବାହିନୀ ମୁହାଁମୁହିଁ ହେବାରୁ ଅଟକି ରହିଥିଲେ । ଏପର୍ଯ୍ୟନ୍ତକି ଉଭୟ ପକ୍ଷଙ୍କ ମିଳିତ ସହମତି କ୍ରମେ ଉକ୍ତ ନଦୀରେ ଏକ ପୋଲ ନିର୍ମାଣ କରାଗଲା ଯାହାର ନାମ ଯସର ଥିଲା । '**ଯସର୍**' କହିଲେ ପୋଲକୁ ବୁଝାଏ, ଅତଏବ ଉକ୍ତ ନାମାନୁଯାୟୀ ଉକ୍ତ ଯୁଦ୍ଧର ନାମ **ଯସର** ଥିଲା । ପୋଲ ପ୍ରସ୍ତୁତ ହେବା ପରେ ହ. ଅବୁ ଉବୈଦାହ୍ ନଦୀକୁ ଅତିକ୍ରମ କରି ଫାର୍ସୀୟ ସୈନ୍ୟ ବାହିନୀ ଉପରେ ଆକ୍ରଣ କରିଦେଲେ । ଏହି ଆକ୍ରମଣ ଯୋଗୁଁ ଇରାନୀୟ ସୈନ୍ୟ ବାହିନୀ ବିକ୍ଷିପ୍ତ ହେବାକୁ ଲାଗିଲା କିନ୍ତୁ ବହ୍‌ମନ୍ ଯାଜ୍‌ୱିୟା ଯେତେବେଳେ ନିଜର ହାତୀମାନଙ୍କୁ ଆଗକୁ କରିଦେଲା ସେତେବେଳେ ମୁସଲମାନମାନଙ୍କର ଧାଡ଼ି ବିଶୃଙ୍ଖଳିତ ହୋଇଗଲା । ଏହିଭଳି ପରିସ୍ଥିତିରେ ହ. ଅବୁ ଉବୈଦାହ୍ ହାତୀମାନଙ୍କର ଶୁଣ୍ଢ କାଟି ଦେବା ପାଇଁ ଆଦେଶ ଦେଲେ ଏବଂ ସ୍ୱୟଂ ଆଗକୁ ବଢି ଗୋଟିଏ ହାତୀର ଶୁଣ୍ଢକୁ କାଟି ଦେଲେ । ଅତଏବ ଏହି ଦୃଶ୍ୟକୁ ଦେଖି ଅନ୍ୟ ମୁସଲମାନ ସେନା ନିଜ ସେନାପତିଙ୍କୁ ଅନୁକରଣ କଲେ । କିନ୍ତୁ ଏହି ଯୁଦ୍ଧରେ ହ. ଅବୁ ଉବୈଦାହ୍‌ଙ୍କ ବ୍ୟତୀତ ଅତିରିକ୍ତ ୬ ଜଣ ବ୍ୟକ୍ତିମାନେ ଇସ୍‌ଲାମୀୟ ଧ୍ୱଜାକୁ ସମ୍ଭାଳି ଗୋଟିଏ ପରେ ଗୋଟିଏ ବୀରଗତି ପ୍ରାପ୍ତ କଲେ । ଅଷ୍ଟମ କମାଣ୍ଡର ହ. ମୁସ୍‌ନା ଥିଲେ ଯିଏ ଇସ୍‌ଲାମୀୟ ସୈନ୍ୟକୁ ପୁନର୍ବାର ଏକତ୍ରିତ କରି ଭରପୁର ଆକ୍ରମଣ କଲେ । ହ. ମୁସ୍‌ନା ମଧ୍ୟ ଆହତ ହେଲେ, କିନ୍ତୁ ଆପଣ ଅତ୍ୟନ୍ତ ସାହସିକତାର ସହିତ ଯୁଦ୍ଧ କରି ଫୁରାତ୍ ନଦୀକୁ ଅତିକ୍ରମ କରି ସକୁଶଳେ ଫେରି ଆସିଥିଲେ । ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କ ୪୦୦୦ ସୈନିକ ଶହୀଦ୍ ହୋଇଥିଲେ । ଅପର ପଟେ ୬୦୦୦ ଇରାନୀୟ ସୈନିକ ନିହତ ହୋଇଥିଲେ । ଉକ୍ତ ପରାଜୟର କ୍ଷତିକାରକ ଫଳାଫଳରୁ ମୁସଲମାନମାନେ ଏହିପରି ସୁରକ୍ଷିତ ରହିଲେ ଯେ, ଇରାନୀୟ ସରକାରୀ ସଦସ୍ୟଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଗଲା । ଫଳତଃ ବହ୍‌ମନ୍ ଯାଜ୍‌ୱିୟାକୁ ଯୁଦ୍ଧରୁ ଫେରିବାକୁ ପଡ଼ିଥିଲା ।

ହ.ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଯସର୍ ଯୁଦ୍ଧ ସଂପର୍କରେ କିଛି କଥା ବର୍ଣ୍ଣନା କରିଛନ୍ତି ଯେ, ମୁସଲମାମାନଙ୍କୁ ସବୁଠୁ ବଡ ପରାଜୟ ଯସର୍ ଯୁଦ୍ଧରେ ହୋଇଥିଲା । ମୁସଲମାନମାନଙ୍କର କ୍ଷତି ଏତେ ଭୟଙ୍କର ଥିଲା ଯେ, ଏହି କ୍ଷତି ଯୋଗୁଁ ମଦିନା ମଧ୍ୟ ଦୋହଲି ଯାଇଥିଲା । ହ. ଉମର୍ ର.ଅ ମଦିନାବାସୀଙ୍କୁ ଏକତ୍ରିତ କଲେ ଏବଂ କହିଲେ ବର୍ତ୍ତମାନ ମଦିନା ଏବଂ ଇରାନ ମଧ୍ୟରେ କୌଣସି ପ୍ରତିବନ୍ଧକ ବାକି ନାହିଁ । ମଦିନା ସଂପୂର୍ଣ୍ଣ ରୂପେ ଉଲଗ୍ନ ହୋଇଯାଇଛି ଏବଂ ସମ୍ଭବତଃ ଶତ୍ରୁପକ୍ଷ କିଛି ଦିନ ମଧ୍ୟରେ ଏଠାରେ ପହଞ୍ଚିଯିବ । ତେଣୁ ମୁଁ ସ୍ୱୟଂ କମାଣ୍ଡର (ସେନାପତି) ହୋଇ ଯିବାକୁ ଚାହୁଁଛି । ଅନ୍ୟ ଲୋକମାନେ ତ' ହ. ଉମର୍ ର.ଅଙ୍କ ଏହି ପ୍ରସ୍ତାବକୁ ପସନ୍ଦ କଲେ କିନ୍ତୁ ହ. ଅଲୀ ର.ଅ କହିଲେ ଭଗବାନ ନକରନ୍ତୁ କି ଆପଣଙ୍କର ଯଦି କିଛି ହୋଇଯାଏ ତେବେ ମୁସଲମାନ ସୈନ୍ୟବାହିନୀ କ୍ଷିପ୍ତ ବିକ୍ଷିପ୍ତ ହୋଇଯିବେ ଏବଂ ତାଙ୍କର ଏକତା ସଂପୂର୍ଣ୍ଣ ରୂପେ ଭାଙ୍ଗିଯିବ । ତେଣୁ ଆପଣ ନଯାଇ ଅନ୍ୟ କୌଣସି ସେନାପତିଙ୍କୁ ପ୍ରେରଣ କରନ୍ତୁ । ବସ୍ତୁତଃ ହ. ଉମର୍ ର.ଅ ହ. ସାଆଦ୍ ର.ଅଙ୍କୁ ଯିଏ ସିରୀୟାରେ ରୋମୀୟମାନଙ୍କ ସହିତ ଯୁଦ୍ଧରେ ବ୍ୟସ୍ତ ଥିଲେ ତାଙ୍କୁ ପତ୍ର ଲେଖିଲେ ଯେ, ତୁମେ ଯେତେ ସଂଖ୍ୟକ ସୈନ୍ୟ ପ୍ରେରଣ କରିପାରୁଛ ପ୍ରେରଣ କରିଦିଅ । କାରଣ ବର୍ତ୍ତମାନ ମଦିନା ସଂପୂର୍ଣ୍ଣ ରୂପେ ଉଲଗ୍ନ ହୋଇଯାଇଛି ଏବଂ ଶତ୍ରୁପକ୍ଷକୁ ଯଥାଶୀଘ୍ର ରୋକା ନଗଲା ତାହାହେଲେ ସେମାନେ ମଦିନା ଉପରେ ବିସ୍ତାର ଲାଭ କରିବେ । ସେ ଯାହା ହେଉ ନା କାହିଁକି ହ. ଉମର୍ ର.ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା ହେବ । ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଯନାଜାଃ

ସଂପର୍କରେ ମଧ୍ୟ ଚର୍ଚ୍ଚା କରିବାକୁ ଚାହୁଁଛି । ନମାଜ ଜୁମା ପରେ ମୁଁ ସେମାନଙ୍କ ନମାଜ ଯନାଜାଃ ଗାଏବ୍ ମଧ୍ୟ ପଢାଇବି ।

ତନ୍ମଧ୍ୟରୁ ପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ଫତ୍‌ହି ଅବ୍‌ଦୁସ୍ ସଲାମ୍ ସାହେବଙ୍କର । ସେ ମିଶର ଦେଶର ଅଧିବାସୀ ଥିଲେ ଏବଂ ବିଗତ ଦିନ ୭୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରୈଜିଉନ୍** । ଫତ୍‌ହି ସାହେବଙ୍କ ପିତା ନକ୍‌ସ୍ ବନ୍ଦୀ ସଂପ୍ରଦାୟର ଅନୁଗାମୀ ଥିଲେ ଏବଂ ତାଙ୍କର ବିୟୋଗ ୮୮ ବର୍ଷ ବୟସରେ ହୋଇଥିଲା । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ଫତ୍‌ହି ସାହେବଙ୍କ ପିତା ମୃତ୍ୟୁ ପୂର୍ବରୁ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଫତ୍‌ହି ସାହେବ ଦଶ ବର୍ଷ ବୟସରେ ପବିତ୍ର କୁରଆନ୍ ମୁଖସ୍ଥ କରିଥିଲେ, କାହିରା ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂରେ ଡ଼ିଗ୍ରୀ ପ୍ରାପ୍ତ କରିଥିଲେ । ୧୯୯୮ ମସିହାରେ ସମ୍ମାନନୀୟ ମୁସ୍ତଫା ସାବିତ୍ ସାହେବଙ୍କ ମାଧ୍ୟମରେ ଅହେମଦିୟତର ଶିକ୍ଷା ସହିତ ତାଙ୍କର ପରିଚୟ ହୋଇଥିଲା । ସେ ଅତ୍ୟନ୍ତ ଗଭୀର ଅନୁଚିନ୍ତାକାରୀ, ଅଧ୍ୟୟନକାରୀ ଏବଂ ଦୁଆକାରୀ ବ୍ୟକ୍ତି ଥିଲେ । ଦୁଆ ପରେ ୨୦୦୧ ମସିହାରେ ହ. ମସିହ ମଉଦ ଅ.ସଙ୍କୁ ଇମାମ୍ ମେହଦୀ (ଯୁଗାବତାର) ରୂପେ ସ୍ୱୀକାର କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଫତ୍‌ହି ସାହେବ ଅନେକ ସ୍ଥାନରେ ଶିକ୍ଷାଦାନ କରିବାର ସୌଭାଗ୍ୟ ଲାଭ କରିଥିଲେ । ସେ ପୁସ୍ତକ ଅନୁବାଦ ମଧ୍ୟ କରିଥିଲେ, ଏମ୍.ଟି.ଏ ଅଲ୍ ଆରବିୟାର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ମଧ୍ୟ କରିଥିଲେ । ସ୍ଥାନୀୟ ଜମାଅତ୍‌ରେ ସେ ଦୀର୍ଘ କାଳ ପର୍ଯ୍ୟନ୍ତ ତବ୍‌ଲିଗର ସେକ୍ରେଟାରୀ ଭାବରେ ଦାୟିତ୍ୱ ତୁଲାଇଥିଲେ । ହ. ଅକ୍‌ଦସ୍ ମସିହ୍ ମଉଦ୍ ଅ.ସ, ଖିଲାଫତ୍‌ରେ ଅହେମଦିୟା ଏବଂ କାଦିୟାନା ଦାରୁଲ୍ ଅମାନ ପ୍ରତି ତାଙ୍କର ଗଭୀର ଆନ୍ତରିକତା ରହିଥିଲା । ହୁଜୁର୍ ଅ.ବ କହିଲେ ଯେ, ହ. ମସିହ୍ ମଉଦ୍ ଅ.ସଙ୍କୁ ଐଶୀବାଣୀ ହୋଇଥିଲା ଯେ, ଯେ, **ଯଦ୍‌ଉନା ଲକା ଅବ୍‌ଦାଲିଶ୍ ଶାମି ୱ ଇବାଦୁଲ୍ଲାଃହି ମିନ୍ ଅରବି** । ଅର୍ଥାତ ତୋ ପାଇଁ ଅବ୍‌ଦାଲେ ଶାମ୍ (ସିରୀୟ ସନ୍ଥମାନେ) ଏବଂ ଇବାଦୁଲ୍ଲାଃ ମିନ୍ ଅରବ୍ ଅର୍ଥାତ ଆରବର ଭକ୍ତମାନେ ମଧ୍ୟ ଦୁଆ କରନ୍ତି । ହ. ମସିହ୍ ମଉଦ୍ ଅ.ସ ଉଲ୍ଲେଖ କରିଛନ୍ତି ଯେ, ଅଲ୍ଲାଃତାଲା ଜାଣନ୍ତି ଯେ, ଏହା କେଉଁ ପ୍ରକାରର ପ୍ରସଙ୍ଗ ଅଟେ ? ଏବଂ କେବେ ଓ କିପରି ଏହାର ପ୍ରାଦୁର୍ଭାବ ହେବ ? ସେ ହିଁ ପୁଣ୍ୟର ସର୍ବୋତ୍ତମ ଉତ୍ସ ଏବଂ ସ୍ରୋତ ଅଟନ୍ତି । କିନ୍ତୁ ସେ ଯାହା ହେଉ ନା କାହିଁକି ଆମେମାନେ ଏହା ଅବଲୋକନ କରିଛୁ ଯେ, ଅଲ୍ଲାଃତାଲାଙ୍କ କୃପାରୁ ଯେଉଁ ଯେଉଁଠି ବି ଆରବ ଦେଶରେ ଜମାଅତ୍ ସ୍ଥାପିତ ହେଉଅଛି, ସେମାନଙ୍କ ମଧ୍ୟରେ ଏବଂ ବର୍ତ୍ତମାନ ମୁଁ ଯେଉଁ ଫତ୍‌ହି ସାହେବଙ୍କର ଉଦାହରଣ ଦେଇଛି ଏହା ସାମ୍ନାକୁ ଆସିଛି ଯେ, ଅଲ୍ଲାଃତାଲା କିପରି ଭାବରେ ଆରବବାସୀଙ୍କ ମଧ୍ୟରେ ଫତ୍‌ହି ସାହେବଙ୍କ ପରି ନିଷ୍ଠାପର ବ୍ୟକ୍ତି ସୃଷ୍ଟି କରୁଛନ୍ତି ।

ଫତ୍‌ହି ସାହେବଙ୍କ ବ୍ୟତୀତ ହୁଜୁର ଅ.ବ ଖଲିଲ୍ ମୁବଶିର ସାହେବ ପୂର୍ବତନ ମୁବଲ୍ଲିଗ୍ ଇନ୍‌ଚାର୍ଜ କାନାଡ଼ାଙ୍କ ପତ୍ନୀ ସମ୍ମାନନୀୟା ସ୍ୱର୍ଗତା ରଜିୟା ବେଗମ୍ ସାହେବା ଏବଂ ଡ଼ାକ୍ତର ମୁବଶିର ସାହେବଙ୍କର ପତ୍ନୀ ସମ୍ମାନନୀୟା ସ୍ୱର୍ଗତା ସାଏରା ସୁଲ୍‌ତାନ ସାହେବା ଓ ସିରୀୟାର ସମ୍ମାନନୀୟା ସ୍ୱର୍ଗତା ଗସୁନ୍ ଅଲ୍ ମାଆଜ୍‌ମାନୀ ସାହେବାଙ୍କ ଉତ୍ତମ ଚର୍ଚ୍ଚା କରି କହିଲେ ନମାଜ ଜୁମା ପରେ ମୁଁ ଏହି ସମସ୍ତ ମୃତକ ମୃତକାମାନଙ୍କର ନମାଜ ଯନାଜାଃ ଗାଏବ ପଢାଇବି ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ଯହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ଯୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟକୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

..............................

KHULASA KHUTBA JUMA HUZOOR ANWAR a.b.a

16th July 2021